ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୦ ମାର୍ଚ୍ଚ, ୨୦୨୩

**ବଦଳିଗୁଡାରେ ଅବକାରୀ ଚଢାଉ**

ଜୟପୁର,(ନି.ପ୍ର.)- ଜୟପୁର ସଦର ଥାନା ଅନ୍ତର୍ଗତ ବଦଳିଗୁଡାରେ ଦେଶୀ ମଦ ପ୍ରସ୍ତୁତ ଚାଲିଥିବା ଖବରପାଇ ଅବକାରୀ ବିଭାଗ ଚଢାଉ କରିଥିଲା। ସେଠାରୁ ମଦ ବ୍ୟବସାୟୀମାନେ ଚମ୍ପଟ ମାରି ଥିବା ବେଳେ ଅବକାରୀ ବିଭାଗ ବହୁ ଭାଟି ଭାଙ୍ଗିବା ସହ ୮ ଶହ ଲିଟର ପୋଚ ନଷ୍ଟ କରି ୫୦ ଲିଟର ମଦ ଜବତ କରିଛି। ସେଠାରୁ ମଦରନ୍ଧା ସରଞ୍ଜାମ ଜବତ ହୋଇଥିବା ଜୟପୁର ଅବକାରୀ ଓଆଇସି ସଞ୍ଜୟ କୁମାର କାଣ୍ଡି କହିଛନ୍ତି।



## ସଂକ୍ଷେପରେ

### ବ୍ୟବସାୟୀଙ୍କ ମୃତଦେହ ଜବତ

କୋରାପୁଟ, ୯।୩(ସ୍ୱ.ପ୍ର.)-କୋରାପୁଟସ୍ଥିତ ଚନ୍ଦନ ପୋଖରୀ ହାଟପଦା ନିକଟରୁ ବୁଧବାର ଜଣେ ପରିବା ବ୍ୟବସାୟୀଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ କୋରାପୁଟ ଜିଲା ଲମତାପୁଟ ବ୍ଲକ ମେଡିପୁଟ ଗ୍ରାମର ଅର୍ଜୁନ ଖିଲ (୪୫)। ତେବେ ପରିବାର ଲୋକେ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଖବରପାଇ ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତକରି ତଦନ୍ତ ଜାରି ରଖିଛି। ସାଇଣ୍ଟିଫିକ ଟିମ୍ ମଧ ପହଞ୍ଚି ଘଟଣାର ଅଧିକ ତଦନ୍ତ କରୁଥିବା ଏସ୍‌ଡିପିଓ ମନୋଜ ପୂଜାରୀ କହିଛନ୍ତି। ମୃତଦେହ ନିକଟରେ ଏକ ପ୍ଲାଷ୍ଟିକ ବାଲ୍‌ଟି ପଡ଼ିଥିବା ଦେଖିବାକୁ ମିଳିଛି। ଅର୍ଜୁନ ରାତିରେ ଶୌଚ ପାଇଁ ସ୍ଥାନୀୟ ହାଟପଦା ନାଳକୁ ଯାଇଥିବାବେଳେ ସେଠାରେ ତାଙ୍କ ଗୋଡ଼ ଖସି ନାଳରେ ପଡ଼ି ଯାଇଛନ୍ତି। ସେଠାରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଯୋଗୁ ପ୍ରଚୁର ରକ୍ତସ୍ରାବ ହୋଇଛି। ସେ କିଛି ଦୂର ଯାଏ ଚାଲିଚାଲି ଯାଇଛନ୍ତି। ପରେ ତାଙ୍କର ମୃତ୍ୟୁ ହୋଇଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି।

### ଫାମ୍ପୁଣି, ଘିଉରିରେ ଯାଦବ ମହାସଭା ପକ୍ଷରୁ ବୈଠକ

ଜୟପୁର, ୯।୩(ନି.ପ୍ର.)- ଜୟପୁର ବ୍ଲକ ଅନ୍ତର୍ଗତ ଫାମ୍ପୁଣି ଏବଂ ଘିଉରି ଗ୍ରାମରେ କୋରାପୁଟ ଜିଲା ଯାଦବ ମହାସଭାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବିଭକ୍ତ କୋରାପୁଟ ଜିଲା ଯାଦବ ସମାଜ ସଂଯୋଜକ ମନୋଜ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର ଗୌଡ଼, ସାମାଜିକ ନାୟକ, ପ୍ରମୋଦ ନାୟକ ପ୍ରମୁଖ ଯୋଗଦେଇ ଯାଦବ ଏକତା ଉପରେ ଆଲୋକପାତ କରିଥିଲେ। ବୈଠକରେ ନବରଙ୍ଗପୁରରେ ହୋଇଥିବା ବୈଠକ ସମ୍ପର୍କରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଜୟପୁରଠାରେ ଏକ ବୃହତ୍ତର ସମାବେଶ କରାଯିବାକୁ ମତ ପ୍ରକାଶ ପାଇଥିଲା। ଫାମ୍ପୁଣି ବୈଠକରେ ଗୁପ୍ତ ପ୍ରସାଦ ପୂଜାରୀ, ବାଲାଜୀ ଗୌଡ଼, ଶିବ ପୂଜାରୀ, ପ୍ରହ୍ଲାଦ ଗୌଡ଼, ନରସିଂହ ଗୌଡ଼, ଅରୁଣ ଗୌଡ଼, ଭଗବାନ ଗୌଡ଼, ଯୋଗଦେଇଥିବା ବେଳେ ଘିଉରି ବୈଠକରେ ବନମାଳୀ ଗୌଡ଼, କୃଷ୍ଣ ଗୌଡ଼, ପ୍ରସାଦ ଗୌଡ଼, ଗଣେଶ ଗୌଡ଼, ଭାସ୍କର ଗୌଡ଼ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

### ଭାଜପା ଛାଡ଼ି କଂଗ୍ରେସରେ ଯୋଗଦେଲେ ୫ ନେତା

ଜୟପୁର,୯।୩ (ନି.ପ୍ର.)-ଭାଜପାର ଜିଲା, ବ୍ଲକ ଓ ନଗରସ୍ତରୀୟ କେତେଜଣ କାର୍ଯ୍ୟକର୍ତ୍ତା ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଉପସ୍ଥିତିରେ କଂଗ୍ରେସରେ ଯୋଗଦେଇଛନ୍ତି। ଜୟପୁର ବିଧାନସଭା କ୍ଷେତ୍ରର ଉନ୍ନତିମୂଳକ କାର୍ଯ୍ୟ ଓ ବିଭିନ୍ନ ସମୟରେ ବିଭିନ୍ନ ସମସ୍ୟା ବିଧାନସଭାରେ ସେ ଉଠାଇ ସମସ୍ୟା ସମାଧାନ କରୁଥିବାରୁ ବିଧାୟକଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ସେମାନେ କଂଗ୍ରେସରେ ଯୋଗଦେଇଥିବା ସମ୍ପୃକ୍ତ ନେତମାନେ ପ୍ରକାଶ କରିଛନ୍ତି। ଯୋଗ ଦେଇଥିବା ବ୍ୟକ୍ତିମାନେ ହେଲେ ଭାଜପାର ଜିଲା ମିଡିଆ ସଂଯୋଜକ ସଞ୍ଜୟ ବେହେରା, ଜୟପୁର ନଗରର ଭଜପା ସମ୍ପାଦିକା ଚିନ୍ମୟୀ ପାଇକରା, ଜୟପୁର ବ୍ଲକର ପୂର୍ବତନ ଭାଜପା ବ୍ଲକ ସଭାପତି ନରସିଂହ ନାୟକ, ସନ୍ତୋଷ ସାମନ୍ତରାୟ ଓ ପିଙ୍କି ମହାପାତ୍ର। ଏହି ସମୟରେ ଜୟପୁର ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ବରିଷ୍ଠ କାର୍ଯ୍ୟକର୍ତ୍ତା ଦେବେନ୍ଦ୍ର ବାହିନୀପତି, ବରିଷ୍ଠ ନେତା ଲକ୍ଷ୍ମୀନାରାୟଣ ପାଢ଼ୀ, ଜିଲା ଯୁବକଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ଜୟପୁର ବ୍ଲକ କଂଗ୍ରେସ ସଭାପତି ବସନ୍ତ ନାୟକ, ସାଧୁଚରଣ ଦାଶ ଚୌଧୁରୀ, ପିଲୁ ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜିଲା ସଦର ମହକୁମାରେ ପାନୀୟ ଜଳ ଅଭାବ

ରାୟଗଡ଼ା,୯।୩(ସ୍ୱ.ପ୍ର.)

ରାୟଗଡ଼ା ଜିଲା ସଦର ମହକୁମାରେ ପାନୀୟ ଜଳର ଅଭାବ ଦେଖାଦେଉଛି। ରାୟଗଡ଼ା ପରିପାର୍ଶ୍ୱରେ ନାଗାବଳୀ ଓ ଝଞ୍ଜାବତୀ ଦୁଇଟି ନଦୀ ପ୍ରବାହିତ ହେଉଥିଲେ ମଧ ସହରବାସୀଙ୍କୁ ଉପଯୁକ୍ତ ପରିମାଣର ପାଣି ମିଳୁନି। ଗ୍ରୀଷ୍ମ ଆରମ୍ଭ ପୂର୍ବରୁ ପିଇବା ପାଣି ସମସ୍ୟା ଦେଖାଦେଲାଣି । ସହରର ୨୪ଟି ୱାର୍ଡ଼ ମଧ୍ୟରୁ ୧୦ଟି ୱାର୍ଡ଼ର ବିଭିନ୍ନ ସାହିରେ ଏହି ସମସ୍ୟା ଉତ୍କଟ । ଆଶ୍ଚର୍ଯ୍ୟର କଥା, ଏକାଧିକ ସାହିରେ ଜନସ୍ୱାସ୍ଥ୍ୟ ବିଭାଗର ନଳକୂପ ଗୁଡିକରୁ ପାଣି ବାହାରୁନାହିଁ। ଅନ୍ୟପଟେ ଘରୋଇ ଭାବେ ଖନନ ହୋଇଥିବା ନଳକୂପ ଠିକ କାର୍ଯ୍ୟ କରୁଛି। ସରକାରୀ ନଳକୂପଗୁଡ଼ିକରେ ଗଭୀରକୁ ପାଇପ ଯାଇ ନ ଥିବାରୁ ପାଣି ବାହାରୁ ନ ଥିବା ସ୍ୱେଚ୍ଛାସେବୀମାନେ ପ୍ରକାଶ କରିଛନ୍ତି। ନାମକୁ ମାତ୍ର ଖନନ କରି ଠିକାଦାର କାମ ସାରି ଦେଇଛନ୍ତି।

ସହରରେ ଶତାଧିକ ଅଚଳ ନଳକୂପ ରହିଛି। ଗାନ୍ଧୀନଗର ଠାରୁ ଆରମ୍ଭ କରି ଇନ୍ଦିରା ନଗର, ଗୋପୀନାଥ ନଗର, ଅଶୋକ ନଗର, ସାଇପ୍ରିୟା ନଗର, ରାୟତ କଲୋନୀ, ଶାସ୍ତ୍ରୀନଗର, ଆଞ୍ଜେୟାପେଟା, ମାଙ୍କଡଖୋଲା ଅଞ୍ଚଳରେ ପାଣିର ଉତ୍କଟ ସମସ୍ୟା ଦେଖାଦେଉଛି। ପାଇପ ଜଳଯୋଗାଣ ବ୍ୟବସ୍ଥା ଠପ୍ ହୋଇଥିବା ନଜରକୁ ଆସିଛି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘରକୁ ସଂଯୋଗ ହୋଇଥିବା ପାଇପ ଏବଂ ସାହିଗୁଡିକରେ ବସିଥିବା ଷ୍ଟାଣ୍ଡପୋଷ୍ଟରେ ପାଣିଆସୁନି। ଏ ନେଇ ବାରମ୍ବାର ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କଲେ କୌଣସି ସୁଫଳ ମିଳୁନାହିଁ। କେବଳ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରି ବିଭାଗ ନିଜ ଦାୟିତ୍ୱ ସାରି ଦେଉଛି। ପ୍ରତିବର୍ଷ ଏହି ସମସ୍ୟା ଦେଖା ଦେଉଥିଲେ ମଧ ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ ହେଉ ନ ଥିବା ଗାନ୍ଧୀନଗର ୩ୟ ଗଳିର ବାସିନ୍ଦା ତଥା ବରିଷ୍ଠ ଆଇନଜୀବୀ ନବ କୁମାର କଣ୍ଡା କହିଛନ୍ତି। ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ବ୍ୟୟରେ ବିଭାଗ ବିଭିନ୍ନ ମରାମତି କରୁଥିଲେ ବି କୌଣସି ସ୍ଥାୟୀ ସମାଧାନ ହେଉନାହିଁ । ୨୦୧୪ ପର୍ଯ୍ୟନ୍ତ ସହରରେ



ଗାନ୍ଧୀନଗର ବାସିନ୍ଦା ଟ୍ୟାଙ୍କରରୁ ପାଣି ନେଉଛନ୍ତି।

**କାଗଜ କଲମରେ ରାୟଗଡ଼ାର ବିକାଶ**

ଜଳଯୋଗାଣ ଠିକ ରହିଥିବା ବେଳେ ଏହା ପରଠାରୁ ସମସ୍ୟା ସୃଷ୍ଟି ହୋଇଛି। ତେବେ କେଉଁ କାରଣରୁ ଜଳଯୋଗାଣ ସମସ୍ୟା ସୃଷ୍ଟି ହୋଇଛି ତାହା ଠାବ କରିପାରୁନାହାନ୍ତି ଜନସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀମାନେ। ବର୍ତ୍ତମାନ ମାର୍ଚ୍ଚ ମାସ ପାଇଁ କେବଳ ଠିକାଦାରଙ୍କ ବିଲ୍ କରିବାରେ ଯନ୍ତ୍ରୀମାନେ ବ୍ୟସ୍ତ ରହୁଥିବା ସାଧାରଣରେ ଅଭିଯୋଗ ହୋଇଛି। ଏନେଇ ଜନସ୍ୱାସ୍ଥ୍ୟ ବିଭାଗ ରାୟଗଡ଼ା ଉପଖଣ୍ଡ ନିର୍ବାହୀ ଯନ୍ତ୍ରୀ ସହଦେବ କିସାନଙ୍କୁ ପଚାରିବାରୁ ସେ ରାୟଗଡ଼ାକୁ ନୂଆ ଆସିଛନ୍ତି, ଯଦି ସମସ୍ୟା ରହିଛି ତାହାର ଯଥାଶୀଘ୍ର ସମାଧାନ କରାଯିବ ବୋଲି କହିଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି ବିଭାଗୀୟ ଅଧିକାରୀଙ୍କ ପାଖରେ ସହରର କେଉଁ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ରହୁଛି ତାହାର କୌଣସି ଖବର ନାହିଁ । ତେଣୁ ଏନେଇ ବିଶେଷ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ରାୟଗଡ଼ା ଜିଲାରେ ୧୧,୧୧୦ ମାଟ୍ରିକ ପରୀକ୍ଷାର୍ଥୀ

ରାୟଗଡ଼ା,୯।୩(ସ୍ୱ.ପ୍ର.)

ଶୁକ୍ରବାରଠାରୁ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ରାୟଗଡ଼ା ଜିଲାର ୧୧ହଜାର ୧୧୦ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବେ ବୋଲି ସୂଚନା ମିଳିଛି। ଏଥିପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ଚଳିତବର୍ଷ ୫୮ଟି ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ୭ ତାରିଖରୁ ସମସ୍ତ ନୋଡ଼ାଲ ସେଣ୍ଟରରେ ପ୍ରଶ୍ନପତ୍ର ପହଞ୍ଚି ସାରିଥିବା ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ପ୍ରକାଶ କରିଛନ୍ତି। ଶୁକ୍ରବାର ସକାଳେ କଡ଼ା ସୁରକ୍ଷା ମଧ୍ୟରେ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପ୍ରଶ୍ନପତ୍ର ପଠାଯିବ । ମାଟ୍ରିକ ପରୀକ୍ଷା ପାଇଁ ବୋର୍ଡ ପକ୍ଷରୁ ଗୋଟିଏ ଓ ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଗୋଟିଏ ସ୍କ୍ୱାର୍ଡ ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ପୋଲିସ ମୁତୟନ କରାଯାଇଛି।

# ଦିବ୍ୟାଙ୍ଗଙ୍କୁ ଅମୃତ କଳସ ପ୍ରଦାନ


ମହିଳା ୱାକର୍ସ କ୍ଲବର ସଦସ୍ୟାମାନେ।

ରାୟଗଡ଼ା,୯।୩(ସ୍ୱ.ପ୍ର.)

ମହିଳା ୱାକର୍ସ କ୍ଲବ ତରଫରୁ ଦିବ୍ୟାଙ୍ଗଙ୍କୁ ଅମୃତ କଳସ ପ୍ରଦାନ କରାଯାଇଛି। ଏଥିଲାଗି ଗାନ୍ଧୀ ପାର୍କଠାରେ ମହିଳା ୱାକର୍ସ କ୍ଲବ ସଭାନେତ୍ରୀ କେ.ଶୋଭାରାଣୀଙ୍କ ସଭାପତିତ୍ୱରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇ ୫୦ ଜଣ ଦିବ୍ୟାଙ୍ଗଙ୍କୁ ଅମୃତ କଳସ ପ୍ରଦାନ କରାଯାଇଥିଲା । ଅମୃତ କଳସରେ ୧୦ କି.ଗ୍ରା ଚାଉଳ, ୧ କି.ଗ୍ରା ଚିନି, ୧ କି.ଗ୍ରା ଡାଲି, ୧ କି.ଗ୍ରା ଲୁଣ, ୧ ଲିଟର ତେଲ ସହ ହଳଦୀଗୁଣ୍ଡ, ମସଲାଗୁଣ୍ଡ, ସୋୟା ଛୁଙ୍କ ସହ ଫଳ,ବିସ୍କୁଟ ଆଦି ଦିଆଯାଇଥିଲା । ମହିଳା ୱାକର୍ସ କ୍ଲବର ଏପରି ଜନହିତକର କାର୍ଯ୍ୟକୁ ଦିବ୍ୟାଙ୍ଗ ସଂଘର ସଂପାଦକ ଅମରେନ୍ଦ୍ର ନାଥ ପ୍ରଶଂସା କରିଛନ୍ତି। ଅମୃତ କଳସ ପ୍ରଦାନ ସମୟରେ କ୍ଲବର ସମସ୍ତ ସଦସ୍ୟାଙ୍କ ସହ ବରିଷ୍ଠ ବିଜେଡି ନେତା ତଥା ସରକାରୀ ଓକିଲ ବ୍ରଜସୁନ୍ଦର ନାୟକ, ଶିକ୍ଷାବିତ୍ କେ.ସାଲବା ରାଜୁ, ସମାଜିକ କର୍ମୀ ସତ୍ୟବାଦୀ ପତି ପ୍ରମୁଖ ଉପସ୍ଥିତ ଥିଲେ ।

# ‘ସମାଜ ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ’

ରାୟଗଡ଼ା ଅଫିସ,୯।୩

ମହିଳାମାନେ ପୁରୁଷମାନଙ୍କଠାରୁ କେଉଁ ଗୁଣରେ କମ ନୁହନ୍ତି। ଏକ ଦୃଢ଼ ଓ ସଶକ୍ତ ସମାଜ ଗଠନରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ନାରୀ ସର୍ବଂସହା, ସର୍ବଗୁଣସମ୍ପନ୍ନା । ସମାଜକୁ ସେ ଠିକ ଦିଗରେ ପରିଚାଳିତ ହେବାକୁ ମାର୍ଗ ଦେଖାଇଥାଏ ବୋଲି ସ୍ଥାନୀୟ ସଦର ବ୍ଲକ ସମ୍ମିଳନୀ କକ୍ଷରେ ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଅତିଥିମାନେ କହିଛନ୍ତି। ଜିଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ ପ୍ରଦୀପ ପ୍ରଜଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ଯାଜ୍ଞସେନୀ ବେହେରା ଅନ୍ତର୍ଜାତୀୟ ମହିଳା ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି ଆଜିର ଦିନଟି ସମଗ୍ର ନାରୀ ସମାଜ ପାଇଁ ଏକ ଗର୍ବ ଓ ଗୌରବର ଦିନ ବୋଲି କହିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ମାଝୀ ସମାଜ ଗଠନରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ନିବେଦିତା ପଣ୍ଡା ମହିଳାମାନଙ୍କ ଉପରେ ହେଉଥିବା ଅନ୍ୟାୟକୁ ପ୍ରତିବାଦ କରିବାକୁ ଉପସ୍ଥିତ ମହିଳାମାନଙ୍କୁ କହିଥିଲେ। ଏ ସମ୍ପର୍କରେ ଆଇନରେ ଥିବା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ସ୍ଥାନୀୟ ଓକିଲ ତଥା ରାୟଗଡ ମ୍ୟୁନିସିପାଲିଟିର ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା ମହିଳାମାନେ ନିଜ ଅଧିକାର ନିଜେ ସାବ୍ୟସ୍ତ କରିବାପାଇଁ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ରାୟଗଡା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରିନ୍ସିପାଲ ଭି. ରତ୍ନଶ୍ରୀ,ଡ. ମମତା ଚୌଧୁରୀ, ସମାଜସେବୀ ମଞ୍ଜୁଶ୍ରୀ ମୁଖାର୍ଜୀଙ୍କ ସମେତ ସମସ୍ତ ସିଡପିଓ, ଅଙ୍ଗନୱାଡି କର୍ମୀ, ମହିଳା, କିଶୋରୀ ବାଳିକା, ୱାନ ଷ୍ଟପ ସେଣ୍ଟରର କର୍ମକର୍ତ୍ତା ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀମାନେ ଭାଗ ନେଇଥିଲେ। ଏହି ଅବସରରେ ବାଲ୍ୟ ବିବାହ ରୋକିବା ଓ କିଶୋରୀ ଶଶକ୍ତି କାରଣ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଜିଲାର ଶ୍ରେଷ୍ଠ ବାଲ୍ୟ ବିବାହ ନିଷେଧାକାରୀ, ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀ ଓ ଶ୍ରେଷ୍ଠ ସକ୍ଷୀ ସହେଲିମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରଯାଇଥିଲା। ସୁରକ୍ଷାଧିକାରୀ କାମାକ୍ଷୀ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ସଭା

ରାୟଗଡ଼ା,୯।୩(ସ୍ୱ.ପ୍ର.)

ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ଏକ ସାଧାରଣ ସଭା ସ୍ଥାନୀୟ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ଜୋନାଲ ସମ୍ପାଦକ ମନୋରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବି.ଏ.ସେଲ ଆବାହକ ହରପ୍ରସାଦ ବିଶୋୟୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଗଠନ ସମ୍ପାଦକ ପି.ବାଲାଜୀ, ବାଲ୍ୟବର ସେଠୀ ଓ ଜୋନାଲ ସହସମ୍ପାଦକ ଶେଖ୍ଅବଦୁଲ ଆକବର ପ୍ରମୁଖ ଯୋଗଦେଇ ବିଭାଗରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀଙ୍କ ମୌଳିକ ସମସ୍ୟା ଉପରେ ଆଲୋଚନା କରିଥିଲେ । ବୈଠକରେ ଜୟପୁରର ପରେଶ ସ୍ୱାଇଁ, ଶଶିଭୂଷଣ ନାୟକ, ବ୍ରହ୍ମପୁରର ଦେବୀ ପ୍ରସାଦ ପଟ୍ଟନାୟକ, ହିମାଂଶୁ ସାବତ, ଲକ୍ଷ୍ମୀ ନାରାୟଣ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ବି.ଏ.କର୍ମଚାରୀମାନଙ୍କ ଇପିଏଫ ଓ ଇଏସଆଇ ସମୟରେ ପୈଠ କରିବା, ପିଏସଏସ ଓ ଫିଲ୍ଡ କର୍ମଚାରୀମାନଙ୍କୁ ସମାନ ଦରମା ଦେବା ଏବଂ ବିନା କାରଣରେ ଉଦ୍ଦେଶ୍ୟମୂଳକ ଭାବେ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର ନ କରିବା ପାଇଁ ଦାବି କରାଯାଇଛି । ସଭାକୁ ସଂଘର ତ୍ରିପତି ପଣ୍ଡା, ସଞ୍ଜୟ ପ୍ରଧାନ, ଅଜୟ ସାମନ୍ତରାୟ, ତପନ ଦାସ, ସୌମ୍ୟ ପାତ୍ର, ବାଳକୃଷ୍ଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

# ଡ୍ରାଇଭର ମହାସଂଘର ସ୍ମାରକପତ୍ର ପ୍ରଦାନ



ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିବା ଡ୍ରାଇଭରମାନେ।

ଗୁଣପୁର,୯।୩(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଡ୍ରାଇଭର ମହାସଂଘ ପକ୍ଷରୁ ଗୁରୁବାର ଉପଜିଲାପାଳ ଲଳିତ କୁମାର କହଁରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିଭିନ୍ନ ଦାବି ପୂରଣ ପାଇଁ ସରକାରଙ୍କୁ ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ ସରକାର କର୍ଣ୍ଣପାତ କରିନାହାନ୍ତି। ଏହା ପ୍ରତିବାଦର ଆସନ୍ତା ୧୫ ତାରିଖରେ ଷ୍ଟିୟରିଂ ଛାଡ ଆନ୍ଦୋଳନ କରିବା ସହ ରାସ୍ତାରେ ଧାରଣ ଦେବେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଗୁଣପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳରୁ ଆସିଥିବା ଡ୍ରାଇଭରମାନେ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଆନ୍ଦୋଳନରେ ସବୁ ଅଞ୍ଚଳର ଡ୍ରାଇଭରମାନେ ଯୋଗ ଦେବେ।

# ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଟିକିରି,୯।୩(ଡି.ଏନ୍.ଏ.)

ଉତ୍କଳ ଆଲୁମିନା ପକ୍ଷରୁ କାଡ଼ାପଦର ଗ୍ରାମରେ ସ୍ଥାନୀୟ ଯୁବକ ସଂଘ ସହଯୋଗରେ ଗତ ୨୦ ତାରିଖରୁ ଚାଲିଥିବା ଜିଲାସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ସ୍ଥାନରୁ ମୋଟ ୧୬ଟି ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଓଡ଼ିଆ ପେଣ୍ଟ ଏବଂ ନାରାୟଣପଟଣା ଟିମ ମଧ୍ୟରେ ହୋଇଥିଲା। ଓଡ଼ିଆ ପେଣ୍ଟ ଟିମ୍ ଚାମ୍ପିୟନ ହୋଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ଉତ୍କଳ ଆଲୁମିନାର ୟୁନିଟ ହେଡ ମଜହର ବେଗ, କାଶୀପୁର ବ୍ଲକ ଅଧ୍ୟକ୍ଷ କଣ୍ଟ ମାଝୀ, କୁନି ମାଝୀ, ଦୀପକ ରାଉତ ଉତ୍କଳ ଆଲୁମିନା ଜେନେରାଲ ମ୍ୟାନେଜେର ଏବଂ ବାବୁରାଓ ସୋନାୱାନେ ଉପସ୍ଥିତ ଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଆଦିତ୍ୟ ବିର୍ଲା ଜିଏମ ଦୀପକ ରାଉତ ଏବଂ ମ୍ୟାନେଜର ବାବୁରାଓ ଯୋଗଦେଇ କ୍ରୀଡା ପ୍ରତିଭାମାନଙ୍କୁ ଉତ୍ସାହିତ କରିବା ସହିତ ଉଭୟ ବିଜେତା ଏବଂ ରନର୍ସ ଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଉତ୍କଳ ଆଲୁମିନା ୟୁନିଟ ହେଡ ସମସ୍ତ ଅଂଶଗ୍ରହଣକାରୀ ଦଳକୁ ଏବଂ କାଡାପଦର ଗ୍ରାମବାସୀ ଟୁର୍ଣ୍ଣାମେଣ୍ଟକୁ ବିପୁଳ ସଫଳ କରାଇବା ନିମନ୍ତେ ପ୍ରଶଂସା କରିଥିଲେ। ଆଗାମୀ ଦିନରେ କଂସାରୀଗୁଡା ଠାରେ ହେବାକୁ ଯାଉଥିବା ଆଦିତ୍ୟ ବିର୍ଲା କାରଖାନା ଅତିଶୀଘ୍ର କାମ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି।


ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରାଯାଉଛି ।

# ଅଷ୍ଟପ୍ରହର ନାମଯଜ୍ଞ

ଟିକିରି,୯।୩(ଡି.ଏନ୍.ଏ.)

ଟିକିରିସ୍ଥିତ ଜଗନ୍ନାଥ ମନ୍ଦିରଠାରେ ଦୋଳ ପୂର୍ଣ୍ଣିମା ପାଳନ କରାଯାଇଛି। ଜଗନ୍ନାଥ ମନ୍ଦିରରୁ ଦୋଳବିମାନରେ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମୂର୍ତ୍ତିକୁ ବସାଇ ସହର ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରେ ଜାତି, ଧର୍ମ ନିର୍ବିଶେଷରେ ସମସ୍ତେ ଏକାଠି ହୋଇଥିଲେ। ଶ୍ରଦ୍ଧାଳୁମାନେ ପରସ୍ପରକୁ ରଙ୍ଗ ଲଗାଇଥିଲେ। ମନ୍ଦିର ପରିସରରେ ହୋଇଥିବା ଅଷ୍ଟପ୍ରହରୀରେ ବଲାଙ୍ଗୀରର ସଙ୍କୀର୍ତ୍ତନ ଦଳ ମୁଖ୍ୟ ଆକର୍ଷଣ ହୋଇଥିଲେ।

# ପ୍ରାର୍ଥୀଙ୍କ ତାଲିକା ପ୍ରକାଶ

ଗୁଣପୁର,୬।୩(ଡି.ଏନ.ଏ)

**ଗୁଣପୁର ଓକିଲ ସଂଘ ନିର୍ବାଚନ**

ଗୁଣପୁର ଓକିଲ ସଂଘର ନିର୍ବାଚନ ଲାଗି ସୋମବାର ନାମାଙ୍କନ ପତ୍ର ଦାଖଲ ସରିଥିବା ବେଳେ ଗୁରୁବାର ପ୍ରାର୍ଥୀମାମଙ୍କ ତାଲିକା ପ୍ରକାଶ ପାଇଛି। ସଭାପତି ପଦ ପାଇଁ ମୋଟ ୫ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଗତ ସୋମବାର ଶେଷ ଦିନରେ ସଭାପତି ପଦବୀ ପାଇଁ ବରିଷ୍ଠ ଆଇନଜୀବୀ ଉମା ଚରଣ ପଟ୍ଟନାୟକ, ଫଣି ଭୂଷଣ ପଟ୍ଟନାୟକ, ଦେବୀ ପ୍ରସାଦ ଆଚାର୍ଯ୍ୟ ଏବଂ ସରୋଜ ପାଣିଗ୍ରାହୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଶନିବାର କୃଷ୍ଣଚନ୍ଦ୍ର ସେନାପତି ନାମାଙ୍କନ ପତ୍ର ଦାଖଲ କରିଥିଲେ। ଉପସଭାପତି ପାଇଁ ରମେଶ ଚନ୍ଦ୍ର ଲିମା ଏବଂ ଗଣେଶ ସାହୁ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ସଂପାଦକ ପାଇଁ ବିଷ୍ଣୁ ପାଢୀ ଏବଂ ପ୍ରବିଣ ପଟ୍ଟନାୟକ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଯୁଗ୍ମ ସଂପାଦକ ପଦ ପାଇଁ ଆର.ଡି.ମିଶ୍ର, ସୁଧିର ପତି ଏବଂ ଭାଗିରଥି ବାଗାରି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି କୋଷାଧ୍ୟକ୍ଷ ପଦ ପାଇଁ କୈଳାସ ଶବର ଜଣେ ମାତ୍ର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଶୁକ୍ରବାର ପ୍ରାର୍ଥି ପତ୍ର ଯାଞ୍ଚ ହେବ। ଯାଞ୍ଚ ପରେ ବିଭିନ୍ନ ପଦ ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀଙ୍କ ତାଲିକା ୧୧ ତାରିଖରେ ପ୍ରକାଶ ପାଇବ। ୧୨ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଏବଂ ୧୩ ତାରିଖରେ ଚୁଡାନ୍ତ ତାଲିକା ପ୍ରକାଶ ପାଇବ। ୨୫ ତାରିଖ ସକାଳ ୮ଟାରୁ ଭୋଟ ଏବଂ ୪ ଟାରୁ ଭୋଟ ଗଣତି ପରେ ଫଳାଫଳ ଘୋଷଣା ହେବ ବୋଲି ନିର୍ବାଚନ ଅଧିକାରୀ ଅକ୍ଷୟ ଶତପଥି ସୂଚନା ଦେଇଛନ୍ତି।

# ଡାଙ୍ଗସୋରଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ଉତ୍ସବ

ଚନ୍ଦ୍ରପୁର,୯।୩(ଡି.ଏନ୍.ଏ.)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗ ଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ କାର୍ଯକ୍ରମ ଆରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣର ଉପଦେଷ୍ଟା ସୁଧୀର କୁମାର ଦାସ, ବ୍ଲକ ଅଧ୍ୟକ୍ଷ କଇଁନ କିମ୍ବାକା, ଜିଲା ପରିଷଦ ସଭ୍ୟ ସୁଜିତ କୁମାର ବ୍ରେଡେକା, ସରପଞ୍ଚ ଅନିତା ଶବର, ବିଇଓ ସୁବାସ ଚନ୍ଦ୍ର ଶବର, ବାଳକୃଷ୍ଣ ବିହାରୀ, ମୁନିଗୁଡା ବ୍ଲକ ବିଜେଡି ସଭାପତି ରତନ ଲାଲ ଜୈନ, ସହକାରୀ ଶିକ୍ଷକ କୈଳାସ ଶବର, ସ୍କୁଲ କମିଟି ସଭାପତି ବାମଦେବ ବାଦକୁଲୁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ଶବର ବିବରଣୀ ପାଠ କରିଥିଲେ। ୧୯୧୭ ଜୁଲାଇ ୧ ତାରିଖରେ ଏହି ବିଦ୍ୟାଳୟ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ଏହା ୧୦୫ ବର୍ଷ ଅତିକ୍ରମ କରିଯାଇଥିଲେ ମଧ୍ୟ ବିଭିନ୍ନ କାରଣରୁ ଶତବାର୍ଷିକ ଉତ୍ସବ ପାଳନ ହୋଇପାରି ନ ଥିଲା। ବର୍ତ୍ତମାନ ବିଦ୍ୟାଳୟଟି ବହୁ ସମସ୍ୟା ମଧ୍ୟରେ ଗତି କରୁଛି। ଛାତ୍ରୀଛାତ୍ରମାନଙ୍କ ପାଇଁ ଆବଶ୍ୟକ ଶ୍ରେଣୀଗୃହ ନାହିଁ, ଭଲ ଶୌଚାଳୟ ନାହିଁ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ କ୍ଷେତ୍ରବାସୀ ନାୟକ, ସାଧୁଚରଣ ରାଉତ, ବିଜୟ କୁମାର ନାୟକ ବେହେରାଙ୍କ ସମେତ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ଉର୍ମିଳା ପିପଲି, ଦୟାନିଧି ପାତ୍ର, ବିଜୟ ପ୍ରସାଦ ଉଲାକା, ନବୀନ ପିପଲି, ରାଧା ଚରଣ ରାଉତ, ରବୀନ୍ଦ୍ର ପ୍ରଧାନ, ବିଷ୍ଣୁ ପ୍ରସାଦ ପାତ୍ର ପ୍ରମୁଖଙ୍କୁ ଉତ୍ତରୀୟ ସହ ସମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଶ୍ରେଣୀଗୃହ ନିର୍ମାଣ ସକାଶେ ଗୁଣପୁର ବିଧାୟକ ତାଙ୍କ ହାତ ପାଣ୍ଠିରୁ ୫ ଲକ୍ଷ ଅନୁଦାନ ଦିଆଯିବ ବୋଲି ଘୋଷଣା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଶାନ୍ତ କୁମାର ନାୟକ ପରିଚାଳନା କରିଥିଲେ।


ଶତବାର୍ଷିକୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ବିଭିନ୍ନ ସ୍ଥାନରେ ମହିଳା ଦିବସ

ରାୟଗଡ଼ା,(ସ୍ୱ.ପ୍ର.)/ମୁନିଗୁଡା/କୋଲନରା, (ଡି.ଏନ୍.ଏ.)୯।୩

ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ ବୁଧବାର ଅର୍ନ୍ତଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି।ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆୟୋଜିତ କାର୍ଯକ୍ରମରେ ବାଳିକା ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଡ.ବବିତା ଶ୍ରୋଫଙ୍କ ଅଧ୍ୟକ୍ଷତା କରିଥିଲେ। ରାୟଗଡ଼ା ପୌର ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା ମୁଖ୍ୟଅତିଥି, ଜିଲା ମୁଖ୍ୟ ଚିକିତ୍ସାଳୟର ଡ.ସଞ୍ଜା ଦାସ ଓ କଲେଜ ଅଧ୍ୟକ୍ଷ ଡ.ପ୍ରସନ୍ନ କୁମାର ଗନ୍ତାୟତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହିଳାଙ୍କ ସୁରକ୍ଷା, ଉନ୍ନତି ଓ ବିକାଶ ଉପରେ ଅତିଥିବୃନ୍ଦ ଆଲୋକପାତ କରିଥିଲେ । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଇଂଲିଶ ବିଭାଗ ମୁଖ୍ୟ ଡ.ସରସ୍ୱତୀ ରୟ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ସନ୍ଧ୍ୟାରେ ଏନସିସି ମହିଳା କ୍ୟାଡ଼େଟମାନଙ୍କ ଦ୍ୱାରା ମହିଳା ଦିବସ ପାଳନ କରାଯାଇଥିଲା। ମୁନିଗୁଡ଼ାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଫାର’ ସଭାଗୃହରେ ବିଷମକଟକ ତାଲୁକା ଆଇନ ସେବା କମିଟି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନଜୀବୀ ଓ ନୋଟାରି ରାଧାରମଣ ଦାସ ସଭାପତିତ୍ୱ କରିଥିଲେ। ଫାରର ପ୍ରକଳ୍ପ ପ୍ରବନ୍ଧକ ଲୋକନାଥ ପ୍ରଧାନଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଚାରପତି ଅଶ୍ୱିନୀ କୁମାର ସାହୁ, ମୁଖ୍ୟବକ୍ତା ଡା.ଗୌରାଙ୍ଗ ଚରଣ ରାଉତ, ସମ୍ମାନିତ ଅତିଥି ଭାବେ ସ୍ନାତକ କଲେଜ ଅଧ୍ୟକ୍ଷ ହୃଷୀକେଶ ଜାଲି, ଫାରର ପ୍ରତିଷ୍ଠାତା ସଦସ୍ୟ ବିଜୟ କୁମାର ବାବୁ, ସରପଞ୍ଚ ପାଇକ ଯାକେସିକା,ପୂର୍ବତନ ସରପଞ୍ଚ ବିନତି କାଡ୍ରାକା ପ୍ରମୁଖ ଉପସ୍ଥିତ ରହିଥିଲେ। ସମସ୍ତ ଅତିଥି ମହିଳା ସୁରକ୍ଷା ଓ ସାମାଜିକ ଦାୟିତ୍ୱବୋଧ ଉପରେ ମତ ରଖିଥିବା ବେଳେ ମୁଖ୍ୟ ଅତିଥି ମହିଳା ମାନଙ୍କ ବିକାଶରେ ସାମାଜିକ ବିକାଶ,ଏଣୁ ପ୍ରତିକ୍ଷେତ୍ରରେ ମହିଳାମାନେ ସ୍ୱାବଲମ୍ବୀ ଓ ସଶକ୍ତ ହେବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସେହିପରି ମୁନିଗୁଡା ବ୍ଲକ ପାତ୍ରଗୁଡା ପଞ୍ଚାୟତ ଛେଳିଆନାଳ ନନ୍ଦଘର ପରିସରରେ ବେଦାନ୍ତ ପରିବାର ତରଫରୁ ମହିଳା ଦିବସ ପାଳନ କରାଯାଇଥିଲା। ପିସିଆଇ ଇଣ୍ଡିଆ କ୍ଲଷ୍ଟର କୋଡ଼ିନେଟର ଯୁଧିଷ୍ଠିର ବାଡ୍ରିଆ ଏଥିରେ ସଭାପତିତ୍ୱ କରିଥିଲେ। କୋଲନରା ବ୍ଲକ ଭୁଜବଳସ୍ଥିତ ମିଟସ କଲେଜ କନଫରେନ୍ସ ହଲ ଠାରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ମହିଳା ଦିବସ ପାଳିତ ହୋଇଯାଇଛି । ଏଥିରେ ମିଟସର ପ୍ରଫେସର ବିକାଶ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମିଟସ୍ କଲେଜର ପ୍ରଫେସର ଅନିତା ଦାସ, ଶୁଭମ୍ କୁମାର ଦାସ, ନେହରୁ ଯୁବ କେନ୍ଦ୍ରର ଏମଟିଏସ ଲକ୍ଷ୍ମୀନାରାୟଣ ସେଠୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲାର ବିଭିନ୍ନ ପ୍ରାନ୍ତରୁ ଯୁବତୀମାନେ ଅଂଶଗ୍ରହଣ କରିଥିଲେ । ଲକ୍ଷ୍ମୀ ନାରାୟଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।



ରାୟଗଡ଼ା କଲେଜ ଅଧ୍ୟକ୍ଷ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

**ଆଇନଜୀବୀ ଗୋବିନ୍ଦ ପାତ୍ରଙ୍କ ପ୍ରାର୍ଥିପତ୍ର ଦାଖଲ**

ମାଲକାନଗିରି, (ଡି.ଏନ୍.ଏ.)- ରାଜ୍ୟ ଏବଂ ବିଭିନ୍ନ ଜିଲାର ବାର ଆସୋସିଏଶନ ନିର୍ବାଚନ ଘୋଷଣା ହେବା ପରେ ବିଭିନ୍ନ ଜିଲାରେ ପ୍ରାର୍ଥୀମାନେ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ ଆରମ୍ଭ କରିଛନ୍ତି। ମାଲକାନଗିରି ଜିଲାର ଆଇନଜୀବୀ ତଥା ଜିଲା ବାର ଆସୋସିଏଶନର ପୂର୍ବତନ ସଭାପତି ଗୋବିନ୍ଦ ପାତ୍ର ସୋମବାର ରାଜ୍ୟ ବାର ଆସୋସିଏଶନ ସଭ୍ୟ ପାଇଁ ପ୍ରାର୍ଥୀ ପତ୍ର କଟକରେ ଦାଖଲ କରିଛନ୍ତି। ମାଲକାନଗିରି ଜିଲାରୁ ରାଜ୍ୟ ବାର ଆସୋସିଏଶନ ସଦସ୍ୟତା ପାଇଁ ପୂର୍ବରୁ କୌଣସି ସଦସ୍ୟ ପ୍ରାର୍ଥିପତ୍ର ଦାଖଲ କରି ନ ଥିଲେ। ଏଥିପାଇଁ ଚଳିତ ଥର ପାତ୍ର ନାମାଙ୍କନପତ୍ର ଦାଖଲ କରଛନ୍ତି। ଅନ୍ୟ ଜିଲାରୁ ସେ କିପରି ଭୋଟ ପାଇବେ ସେନେଇ ମାଲକାନଗିରି ବାର୍ ଆସୋସିଏସନ ସହଯୋଗ କରିବ ବୋଲି ଆଇନଜୀବୀମାନେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଜବତ

କୋଡିଙ୍ଗା, ୯।୩(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ବଡ଼ମସିଗାଁରେ ଜଣେ ଯୁବକଙ୍କ ମୃତଦେହ ମିଳିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ସୂଚନାନୁଯାୟୀ, ବଡ଼ମସିଗାଁ ହାଇସ୍କୁଲ ପାଚେରିକୁ ଲାଗି ରହିଥିବା ଏକ ପାଲଗଦାରେ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ଗୁରୁବାର ଅପରାହ୍ନରେ କୋଡ଼ିଙ୍ଗା ଥାନାକୁ ଖବର ଦେଇଥିଲେ। ସୂଚନା ପାଇ କୋଡ଼ିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରାଥମିକ ତଦନ୍ତ ପରେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ମୃତକଙ୍କ ବୟସ ୩୫ ବର୍ଷ ହେବ ପୋଲିସ ଅନୁମାନ କରୁଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ଘଟଣାର ତଦନ୍ତ ଚାଲିଛି ବୋଲି ଥାନାଧିକାରୀ ଅଭିମନ୍ୟୁ ଦୁର୍ଗା କହିଛନ୍ତି।

### ଘାଟିରେ ଅଟୋ ଓଲଟି ୫ ଗୁରୁତର

ଝରିଗାଁ,୯।୩(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଗୋଟିଏ ପରିବାରର ୫ଜଣ ଗୁରୁତର ହୋଇଥିଲେ। ଚିକିତ୍ସା ପରେ ସମସ୍ତେ ସୁସ୍ଥ ଥିବା ସୂଚନା ମିଳିଛି। ସୂଚନାନୁଯାୟୀ, ରାଇଘର ବ୍ଲକ କଚରାପାରା ପଞ୍ଚାୟତ ଇନ୍ଦିଲାହାଣ୍ଡି ଗ୍ରାମର ମାନସିଂ ରାଉତ (୫୦), ସତନ ରାଉତ(୪୫), ରାକେଶ ରାଉତ(୮), ପାର୍ବତୀ ରାଉତ (୩୫), ନନ୍ଦିନୀ ରାଉତ(୬), ରୂପାଲୀ ରାଉତ (୫), ପୂର୍ଣ୍ଣିମା ରାଉତ(୨୫), କରିସ୍ମା ରାଉତ(୧), ପଦ୍ମନୀ ରାଉତ(୫୮), ଚମ୍ପା ରାଉତ(୫୩),ପ୍ରିୟା ରାଉତ(୫), ଗାୟତ୍ରୀ ଗୌଡ଼ ଏବଂ ଭଗବତୀ ରାଉତ(୩୫) ଏକ ଅଟୋ ଯୋଗେ ଚନ୍ଦହାଣ୍ଡି ବ୍ଲକ ରାଜକୋଟ ଗ୍ରାମକୁ ମଙ୍ଗଳବାର ବିବାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିଲେ। ଦିନ ୧୨ଟାରେ ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ଭାରସାମ୍ୟ ହରାଇ ଅଟୋ ଓଲଟି ପଡିଥିଲା। ଫଳରେ ଅଟୋରେ ବସିଥିବା ସମସ୍ତେ ଛିଟିକି ହୋଇ ପଡ଼ିଯାଇଥିଲେ। ଦୁର୍ଘଟଣା ଦେଖି ସେହି ରାସ୍ତା ଦେଇ ଯାଉଥିବା ଲୋକ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଗୁରୁତରଙ୍କୁ ଆମ୍ବୁଲାନ୍ସ ଯୋଗେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ମାନସିଂ, ପ୍ରିୟା, ଚମ୍ପା ଏବଂ ପଦ୍ମନୀଙ୍କ ମୁଣ୍ଡରେ ଗଭୀର ଆଘାତ ହୋଇଥିବା ବେଳେ ଭଗବତଙ୍କ ଡାହାଣ ହାତରେ ଗଭୀର ମାଡ଼ ବାଜିଥିଲା। ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନଙ୍କ ଚିକିତ୍ସା କରାଯାଇଥିଲା। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର ସନ୍ତୋଷ ପ୍ରଧାନ ସୂଚନା ଦେଇଛନ୍ତି।

### ହୋଲି ଉପଲକ୍ଷେ ଶୋଭାଯାତ୍ରା

ଉମରକୋଟ, ୯।୩(ସ୍ୱ.ପ୍ର.)-ହୋଲି ଉପଲକ୍ଷେ ଉମରକୋଟ ରାମମନ୍ଦିରରୁ ବାହାରି ରାଧାକୃଷ୍ଣ ମନ୍ଦିର ଯାଏ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା। ବର୍ତ୍ତମାନ ଲୋକଙ୍କ ମଧ୍ୟରେ ହୋଲି ପ୍ରତି ଆଗ୍ରହ କମୁଥିବାରୁ ହୋଲି ଖେଳିବା ପାଇଁ ଉତ୍ସାହ ସୃଷ୍ଟି କରିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଶୋଭାଯାତ୍ରାରେ ଶତାଧିକ ଲୋକେ ଯୋଗଦେଇଥିଲେ। ପ୍ରତ୍ୟେକ ଛକରେ ପଣାର ବ୍ୟବସ୍ଥା କରାଯାଇଥିଲା। ସକାଳ ୧୦ରୁ ଅପରାହ୍ନ ୨ ଟା ଯାଏଁ ସହର ହୋଲିମୟ ହୋଇ ଯାଇଥିଲା। ରାଇଘରରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ କୀର୍ତ୍ତନ କରିଥିଲେ। ଶୋଭାଯାତ୍ରାରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଜୟଦେବ ପରିଡ଼ା, ଅର୍ଜୁନ ପଣ୍ଡା, ରମେଶ ସାହୁ, ଟୁଲୁ ସାହୁ, ଅଶୋକ ସାହୁ, କୃପାରାମ ସାହୁ , ଅଶୋକ ପ୍ରଧାନ, ତପନ ଦେବନାଥ, ନାଗ ଭୂଷଣ ପଟ୍ଟନାୟକ, ଶ୍ରୀନିବାସ ପଣ୍ଡା, ଗୋପୀନାଥ ସାହୁ, ଚକ୍ରଧର ପଣ୍ଡାଙ୍କ ଶତାଧିକ ଯୁବକ ଶୋଭାଯାତ୍ରାରେ ଉପସ୍ଥିତ ଥିଲେ।

### ଶଳା ଭାଉଜକୁ ମାଡ଼ ମାରି ଦ୍ୱାଇଁ ଗିରଫ

ଡାବୁଗାଁ, ୯।୩ (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ନାୟକମୁଣ୍ଡାଗୁଡା ଗ୍ରାମରେ ଶଳା ଭାଉଜକୁ ମାଡ ମାରିବା ଅଭିଯୋଗରେ ଗୁରୁବାର ଦ୍ୱାଇଁଙ୍କୁ ଗିରଫ କରିଛି ଡାବୁଗାଁ ପୋଲିସ। ଅଭିଯୁକ୍ତ ହେଲେନାୟକମୁଣ୍ଡାଗୁଡା ଗ୍ରାମର ସମାରୁ ଜାନୀ (୪୦)। ସୂଚନାନୁଯାୟୀ, ବୁଧବାର ରାତିରେ ସମାରୁ ନିଶାସକ୍ତ ଅବସ୍ଥାରେ ଘରକୁ ଫେରିଥିଲେ। ସେହି ସମୟରେ ତାଙ୍କ ସ୍ତ୍ରୀ ରତ୍ନା ଘର ଦାଣ୍ଡରେ ଭାଉଜ ସାବିତ୍ରୀ ଜାନୀଙ୍କ ସହ କଥା ହେଉଥିଲେ। ସମାରୁ ରତ୍ନାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ସାବିତ୍ରୀ ତାଙ୍କୁ ଅଟକାଇବାରୁ ସମାରୁ ହଠାତ ପାଖରେ ଥିବା ଏକ କାଠ ଫାଳିଆରେ ତାଙ୍କୁ ଆକ୍ରମଣ କରିଥିଲେ। ପ୍ରବଳ ରକ୍ତସ୍ରାବ ଯୋଗୁ ସାବିତ୍ରୀ ବେହୋସ ହୋଇପଡିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଡାବୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ସାବିତ୍ରୀ ଡାବୁଗାଁ ଥାନାରେ ସମାରୁଙ୍କ ନାମରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ସବଇନ୍ସପେକ୍ଟର ବିଜୁରାମ ବାଗ ସମାରୁଙ୍କୁ ଗିରଫ କରିଥିଲେ। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ଏନେଇ ଥାନା କେସ ନଂ ୪୮/୨୩ ରେ ଏକ ମାମଲା ରୁଜୁ କରାଯାଇଛି।

# ସ୍କୁଲ ବନ୍ଦ ପରେ ପିଲାଙ୍କୁ ମିଳୁନି ଯାତାୟାତ ଖର୍ଚ୍ଚ

**ପାହାଡ଼ ଜଙ୍ଗଲ ଡେଇଁ ବିପଦସଙ୍କୁଳ ରାସ୍ତା ଦେଇ ବିଦ୍ୟାଳୟ ଯାଉଛନ୍ତି ଛାତ୍ରୀଛାତ୍ର**

ନବରଙ୍ଗପୁର,୯।୩(ବି.ପ୍ର.)

୨୦ରୁ କମ୍ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟକୁ ବନ୍ଦ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଲେ। ନବରଙ୍ଗପୁର ଜିଲାରେ ୨୦୧୯-୨୦ ଶିକ୍ଷାବର୍ଷ ପରେ ଜିଲାର ୧୧୦ ପ୍ରାଥମିକ ଓ ୨୪ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରାଯାଇ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ କରାଗଲା। ସେହି ସମୟରେ ସରକାର ସେମାନଙ୍କୁ ହଷ୍ଟେଲ ବ୍ୟବସ୍ଥା କିମ୍ବା ଯାତାୟାତ ଖର୍ଚ୍ଚ ଦିଆଯିବ ବୋଲି ଅଭିଭାବକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସରକାରଙ୍କ ପ୍ରତିଶ୍ରୁତି ଏବେ ପାଣିର ଗାର ସଦୃଶ ହୋଇଯାଇଛି। ଯାହାକୁ ନେଇ ବିଭିନ୍ନ ମହଲରେ ସରକାରଙ୍କ କାର୍ଯ୍ୟକୁ ନାପସନ୍ଦ କରାଯିବା ସହ ଅଭିଭାବକମାନେ ପୁନଃ ସ୍କୁଲଗୁଡ଼ିକ ଖୋଲିବାକୁ ଦାବି କରିଛନ୍ତି।

ସ୍କୁଲ ମିଶ୍ରଣ ଫଳରେ ନବରଙ୍ଗପୁର ଜିଲାର ୧୦ଟି ବ୍ଲକର ୧୧୦ଟି ବିଦ୍ୟାଳୟର ପ୍ରାୟ ୧୮୦୦ ଛାତ୍ରୀଛାତ୍ର ପ୍ରଭାବିତ ହୋଇଥିଲେ। କୋଷାଗୁମୁଡ଼ା, ଝରିଗାଁ ଓ ପାପଡ଼ାହାଣ୍ଡି ବ୍ଲକରେ ୧୪ଟି ଲେଖାଏ ସ୍କୁଲ, ଚନ୍ଦାହାଣ୍ଡି ଓ ତେନ୍ତୁଳିଖୁଣ୍ଟି ବ୍ଲକରେ ୧୨ଟି ଲେଖାଏ, ନବରଙ୍ଗପୁର ଓ ଉମରକୋଟ ବ୍ଲକରେ ୧୦ ଲେଖାଏ, ନନ୍ଦାହାଣ୍ଡି ବ୍ଲକରେ ୧୩ଟି, ରାଇଘରରେ ୯ ଓ ଡାବୁଗାଁ ବ୍ଲକରେ ୨ଟି ସ୍କୁଲ ବନ୍ଦ କରାଯାଇଛି। ଛାତ୍ରୀଛାତ୍ରଙ୍କୁ ହଷ୍ଟେଲରେ ରଖିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ଏବେ ଯାଏ କରାଯାଇନାହିଁ। କେତେଜଣ ପିଲାଙ୍କୁ ହଷ୍ଟେଲରେ ରଖାଯାଇଥିବାବେଳେ ବାକି ପିଲାଙ୍କୁ ଯାତାୟାତ ବାବଦରେ ଖର୍ଚ୍ଚ ଦେବାକୁ ସ୍ଥିର ହୋଇଥିଲା। ଜଣେ ପିଲାଙ୍କର ମାସରେ ୭୫ ପ୍ରତିଶତ ଉପସ୍ଥାନ ରହିଲେ ୬ଶହ, ୫୦ରୁ ୭୫ପ୍ରତିଶତ ଉପସ୍ଥାନ ରହିଲେ ୪ଶହ ଏବଂ ୩୦ରୁ ୫୦ ପ୍ରତିଶତ ମଧ୍ୟରେ ଉପସ୍ଥାପନ ରହିଲେ ୩ଶହ ଟଙ୍କା ଦେବାକୁ ସରକାର ସ୍ଥିର କରିଥିଲେ। ଏ ନେଇ ବନ୍ଦ ହୋଇଥିବା ସ୍କୁଲର ଛାତ୍ରୀଛାତ୍ରଙ୍କ ସମସ୍ତ ସମସ୍ୟା ସମାଧାନ କରିବାକୁ ପାଖ ଗ୍ରାମରେ ମିଶ୍ରଣ ହୋଇଥିବା ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଦାୟିତ୍ୱ ଦେଇଥିଲେ। ଉକ୍ତ ପ୍ରଧାନ ଶିକ୍ଷକ ସମସ୍ତ ପିଲାଙ୍କ କାଗଜପତ୍ର ଠିକ୍ କରି ସ୍ଥାନୀୟ ବିଇଓଙ୍କୁ ଦେଲାପରେ

ବିଇଓ ତୁରନ୍ତ ଡିଇଓ ଏବଂ ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ସମସ୍ତ କାଗଜପତ୍ର ଦେଇ ପିଲାଙ୍କ ଟଙ୍କା ପାଇବା ପର୍ଯ୍ୟନ୍ତ ଦାୟିତ୍ୱ ନେବା ପାଇଁ ସରକାର ନିୟମ କରିଛନ୍ତି। ଏଭଳି ଗୋଟିଏ ଶିକ୍ଷାବର୍ଷରେ ୧୦ ମାସର ଯାତାୟାତ ଖର୍ଚ୍ଚ ସିଧାସଳଖ ପିଲାଙ୍କ ଆକାଉଣ୍ଟକୁ ଦେବାକୁ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ନବରଙ୍ଗପୁର ଜିଲାରେ ପିଲାମାନେ ଉକ୍ତ ଯାତାୟାତ ଖର୍ଚ୍ଚ ନ ପାଇ ବାଧ୍ୟ ହୋଇ ବିପଦସଙ୍କୁଳ ଅବସ୍ଥାରେ ଜଙ୍ଗଲ ପାହାଡ଼ ଡେଇଁ ଚାଲି ଚାଲି ଯାଇ ଉକ୍ତ ମିଶ୍ରଣ ସ୍କୁଲରେ ପାଠ ପଢୁଛନ୍ତି। ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ନନ୍ଦାହାଣ୍ଡି ବ୍ଲକ ଲଙ୍ଗଳଅଟାଳ ସ୍କୁଲରେ ୨୦ରୁ କମ୍ ପିଲା ଥିବା କାରଣରୁ ତାହାକୁ ବନ୍ଦ କରାଯାଇ ୩ କି.ମି. ଦୂରରେ ଥିବା ମୁଦୁଲିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରାଯାଇଛି। ଲଙ୍ଗଳଅଟାଳରୁ ୨୫ ପିଲା ସେଠାକୁ ପଢ଼ିବାକୁ ଯାଉଛନ୍ତି। ଦୈନିକ ୬ କି.ମି. ବିପଦସଙ୍କୁଳ ପାହାଡ଼ ଓ ଜଙ୍ଗଲ ରାସ୍ତା ଅତିକ୍ରମ କରି ଯାଉଥିବାରୁ ହାତଗୋଡ଼ ବଥା ହେଉଥିବା ଛାତ୍ରୀଛାତ୍ର କହିଛନ୍ତି। ତେଣୁ ପିଲାମାନେ ନିୟମିତ ସ୍କୁଲ ନ ଯାଇ ଗୋଟିଏ ସପ୍ତାହରେ ୩ କିମ୍ବା ୪ଦିନ ଆସୁଛନ୍ତି। ଦୂରତା ଏବଂ ବିପଦକୁ ଦୃଷ୍ଟିରେ ରଖି ଅଭିଭାବକ ସେମାନଙ୍କ ପିଲାଙ୍କୁ ସ୍କୁଲ ଛାଡୁନାହାନ୍ତି। ଯେଉଁ ପିଲାମାନେ ନିୟମିତ ସ୍କୁଲ ଯାଉଛନ୍ତି ସେମାନଙ୍କୁ ଏପର୍ଯ୍ୟନ୍ତ ଯାତାୟାତ ବାବଦ ଖର୍ଚ୍ଚ ମିଳିନାହିଁ। ଏନେଇ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ପ୍ରଶାସନ ଶୀଘ୍ର ସେମାନଙ୍କୁ ଯାତାୟାତ ଖର୍ଚ୍ଚ ଯୋଗାଇ ଦିଅନ୍ତୁ ନଚେତ୍ ଗାଁରେ ଥିବା ସ୍କୁଲକୁ ପୁନଶ୍ଚ ଖୋଲାଯାଉ ବୋଲି ଅଭିଭାବକ ଡ୍ରାଇଭର ବିଷୋୟୀ, ଛାତ୍ରୀ ପ୍ରେମଲତା ଜାନି କହିଛନ୍ତି। ଏକମ୍ବା ପଞ୍ଚାୟତର ଗରୁଡ଼ଗୁଡ଼ା ଗ୍ରାମର ବିଦ୍ୟାଳୟ ବନ୍ଦ ହେବା ପରେ ପ୍ରାୟ ୩ କି.ମି. ବିପଦପୂର୍ଣ୍ଣ ରାସ୍ତାରେ ଚାଲି ଚାଲି ଛାତ୍ରୀଛାତ୍ର ଏକମ୍ବା ସ୍କୁଲକୁ ଯାଉଛନ୍ତି। ଗରୁଡ଼ଗୁଡ଼ାରେ ୧୭ ରୁ ୨୦ ଜଣ ପିଲା ଯାତାୟାତ ଖର୍ଚ୍ଚ ପାଇ ନାହାନ୍ତି। ସେହିଭଳି ଦଣ୍ଡସେନାଗୁଡ଼ା, ଭଞ୍ଜଗୁଡ଼ା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟ ସମାନ ଅବସ୍ଥା। ଜିଲାର ନନ୍ଦାହାଣ୍ଡି କୋଷାଗୁମୁଡ଼ା, ନବରଙ୍ଗପୁର ବ୍ଲକର ଛାତ୍ରୀଛାତ୍ରଙ୍କୁ ମଧ୍ୟ ଯାତାୟାତ ଖର୍ଚ୍ଚ ମିଳିନାହିଁ। ଯାତାୟାତ ଖର୍ଚ୍ଚ ପ୍ରଦାନ କଲେ ଭଲ ହୁଅନ୍ତା ବୋଲି ଗରୁଡ଼ଗୁଡ଼ାର ବେଣୁ ଭତରା, ଲଛମନ ଭତରା କହିଛନ୍ତି।

ଏ ନେଇ ଡିଇଓ ପ୍ରଦୀପ ନାଗଙ୍କୁ ପଚାରିବାରୁ ପିଲାଙ୍କ ସଂଖ୍ୟା ସମ୍ପୃକ୍ତ ଅଞ୍ଚଳର ବିଇଓ ଜଣାଇବା ପରେ ଜିଲା ଶିକ୍ଷା ବିଭାଗ ଏହି ପ୍ରସ୍ତାବକୁ ରାଜ୍ୟ କାର୍ଯ୍ୟାଳୟକୁ ପଠାଇବ। ରାଜ୍ୟ କାର୍ଯ୍ୟାଳୟରୁ ଅନୁଦାନ ଆସିଲେ ପିଲାଙ୍କୁ ଯାତାୟାତ ଖର୍ଚ୍ଚ ଦିଆଯିବ ବୋଲି ସେ କହିଛନ୍ତି। ଏଥିସହ ବର୍ତ୍ତମାନ ଜିଲାର କୋଷାଗୁମୁଡ଼ା, ନନ୍ଦାହାଣ୍ଡି ଓ ନବରଙ୍ଗପୁର ବ୍ଲକକୁ ଛାଡ଼ିଦେଲେ ଅନ୍ୟ ବ୍ଲକର ୫୫୦ ଜଣ ଛାତ୍ରଛାତ୍ରଙ୍କୁ ଯାତାୟାତ ଖର୍ଚ୍ଚ ଦିଆଯାଇଥିବା ସେ କହିଛନ୍ତି।


ସ୍କୁଲ ମିଶ୍ରଣ ପରେ ନନ୍ଦାହାଣ୍ଡି ବ୍ଲକ ଲଙ୍ଗଳଅଟାଳ ସ୍କୁଲର ପିଲାମାନେ ପାହାଡ଼ିଆ ରାସ୍ତାରେ ମୁଦୁଲିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପଢ଼ିବାକୁ ଯାଉଛନ୍ତି।

## ୨୦ରେ ସାହୁ ସମାଜର ମହାସଭା

ଉମରକୋଟ, ୯।୩(ସ୍ୱ.ପ୍ର.)

ଉମରକୋଟ ତୈଳିକ ସାହୁ ସମାଜ ପକ୍ଷରୁ ସାହୁ ସମାଜର ମହାସଭା ନିମନ୍ତେ ଏକ ପ୍ରସ୍ତୁତି ବୈଠକ କରାଯାଇଛି। ଆସନ୍ତା ୨୦ ତାରିଖରେ ମହାସଭା ହେବ ବୋଲି ବୈଠକରେ ସ୍ଥିର କରାଯାଇଛି। ଏଥିରେ ଛତିଶଗଡ଼ ରାଜ୍ୟର କୋଣ୍ଡାଗାଁ, ବସ୍ତର, ରାୟପୁର ଅଞ୍ଚଳର ସାହୁ ସମାଜ ଓ ଓଡ଼ିଶାର ରାଇଘର, ଚନ୍ଦାହାଣ୍ଡି, ଝରିଗାଁ, ଉମରକୋଟ, ଡାବୁଗାଁ, ପାପଡ଼ାହାଣ୍ଡି, ନବରଙ୍ଗପୁର ଏବଂ ଜୟପୁର ଅଞ୍ଚଳର ସାହୁ ସମାଜର ସମସ୍ତ ମହିଳା ପୁରୁଷ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ୨୦ ତାରିଖ ଅପରାହ୍ନ ୩ଟାରେ ଡିଏନ୍‌କେ ରାଧାକୃଷ୍ଣ ମନ୍ଦିରରୁ କୋଣ୍ଡାଗାଁ ରୋଡ଼ସ୍ଥିତ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ କଳସ ଶୋଭାଯାତ୍ରା କରାଯିବ। ସନ୍ଧ୍ୟା ୬ଟାରେ ପ୍ରଦୀପ ପ୍ରଜ୍ୱଳନ ପରେ ସଭାକାର୍ଯ୍ୟ ଆରମ୍ଭ ହେବାର ନିଷ୍ପତ୍ତି ନିଆଯାଇଛି। ଏହି ସଭାରେ ସମାଜର ସଭାପତି କାଶୀନାଥ ମହାପାତ୍ର, ଉପସଭାପତି ମାନସ ସାହୁ, ସମ୍ପାଦକ କିଶୋର ସାହୁଙ୍କ ସହ ମାର୍କଣ୍ଡ ସାହୁ, ପ୍ରଦୀପ ମହାପାତ୍ର, ସଞ୍ଜୀବ ସାହୁ, ଯୁଗଳ କିଶୋର ସାହୁ, ପେଣ୍ଡ୍ରା ସାହୁ, ପ୍ରମୋଦ ସାହୁ, ଅଶୋକ ସାହୁ, ଦିବାକର ସାହୁ, ବାବନ ସାହୁ ଓ ଗୁପ୍ତେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

## କଳାବ୍ୟାଜପିନ୍ଧିଲେଶିକ୍ଷକ

ପାପଡାହାଣ୍ଡି,୯।୩(ଡି.ଏନ୍.ଏ.)

ପାପଡାହାଣ୍ଡି ବ୍ଲକରେ କାର୍ଯ୍ୟରତ ନୂତନ ପେନସନ ଯୋଜନା ଭୁକ୍ତ ପ୍ରାଥମିକ ଓ ଜୁନିଅର ଶିକ୍ଷୟିତ୍ରୀ ଶିକ୍ଷକ ସେମାନଙ୍କ ଦାବି ପୂରଣ ହୋଇ ନ ଥିବା ଯୋଗୁ ଗୁରୁବାରରୁ ଡ୍ରେସ କୋଡ ବର୍ଜନ କରିଛନ୍ତି। କଳା ବ୍ୟାଜ ପିନ୍ଧି ସେମାନେ ପ୍ରତିବାଦ କରିଛନ୍ତି। ୧୫ ତାରିଖରୁ ସମୂହ ଛୁଟିରେ ଯିବେ ବୋଲି ସଂଘ ପକ୍ଷରୁ ସ୍ଥିର କରାଯାଇଛି। ମଙ୍ଗଳବାର ସଂଘ ଏ ନେଇ ଏକ ବୈଠକ ବିଇଓ କାର୍ଯ୍ୟାଳୟ ପରିସରରେ କରିଥିଲା। ଜିଲ୍ଲା ଶିକ୍ଷକ ସଂଘ ସଭାପତି ସନ୍ତୋଷ ପାତ୍ର, ଜିଲା କାର୍ଯ୍ୟକାରୀ ସଭାପତି ସୁକୁମାର ପଣ୍ଡା, କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ ଖଡଗରାୟ, ବ୍ଲକ ସଭାପତି ଅଜିତ ମଣ୍ଡଳ, ଯୁଗ୍ମ ସମ୍ପାଦକ ରମେଶ ମାଝି, ଶିକ୍ଷକ ସଭାପତି ଅନୀଲ ସାହୁ, ଜଗନ୍ନାଥ ବେହେରା, ସମ୍ପାଦକ ଶତ୍ରୁଘ୍ନ ଡାକୁଆ, ତ୍ରିଲୋଚନ ବରାଳ, ଶଙ୍କର ବେହେରା, ପ୍ରଭାକର ପଟ୍ଟନାୟକ, ମନୋଜ ରଥ, ସନ୍ଦୀପ ଜେନା, ପବିତ୍ର ମୋହନ ମାଝି ପ୍ରମୁଖଙ୍କ ସହ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରକ୍ରିୟା ଉଚ୍ଛେଦ ସହ ୬ ବର୍ଷ ଚୁକ୍ତି ସମୟକୁ ଚାକିରି କ୍ଷେତ୍ରରେ ଗଣନା, କେନ୍ଦ୍ରୀୟ ହାରରେ ଦରମା ଓ ପୁରୁଣା ପେନସନ ବ୍ୟବସ୍ଥା ପୁନଃ ପ୍ରଚଳନ କରିବାକୁ ସଂଘ ଦାବି କରିଛି। କିନ୍ତୁ ସରକାର ଦାବି ପୂରଣରେ ବିଳମ୍ବ କରିଥିବାରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଡ୍ରେସ କୋଡ ବର୍ଜନ କରିବା ସହ କଳା ବ୍ୟାଜ ପରିଧାନ କରିଥିଲେ। ନୂତନ ପେନସନ ଯୋଜନା ଭୁକ୍ତ ପ୍ରାଥମିକର ୩୬୦ ଓ ଜୁନିୟର ବିଭାଗର ୬୦ଜଣ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# ବ୍ଲକ ଉପାଧ୍ୟକ୍ଷଙ୍କ ହସ୍ତକ୍ଷେପ ପରେ ବଣ୍ଟାଗଲା ଚାଉଳ

**ଚାଉଳ ବଣ୍ଟନରେ ଅନିୟମିତତା ନେଇ ହିତାଧିକାରୀ ପଞ୍ଚାୟତ ଅଫିସରେ ତାଲା ଠୁଙ୍କିବା ଘଟଣା**

ପାପଡ଼ାହାଣ୍ଡି,୯।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଘାଟଗୁଡ଼ା ପଞ୍ଚାୟତରେ ଚାଉଳ ବଣ୍ଟନରେ ଅନିୟମିତତା ନେଇ ୫ତାରିଖରେ ହିତାଧିକାରୀ କାର୍ଯ୍ୟାଳୟରେ ତାଲା ପକାଇବା ଘଟଣାରେ ବ୍ଲକ ଉପାଧକ୍ଷ ସୁଶାନ୍ତ କୁମାର ବେହେରାଙ୍କ ହସ୍ତକ୍ଷେପ ପରେ ପୁଣି ଚାଉଳ ବଣ୍ଟନ କରାଯାଇଛି। ପୁରୁଣା ମାପରେ ଓଜନ କରାଯାଉଥିବା ନିକିତିକୁ ବଦଳାଇଯାଇ ନୂତନ ବୈଦ୍ୟୁତିକ ନିକିତିରେ ଚାଉଳ ଓଜନ କରି ହିତାଧିକାରୀଙ୍କୁ ଦିଆଯାଇଛି।

ସୂଚନାନୁଯାୟୀ, ୫ ତାରିଖରେ ଯୋଗାଣ ସହାୟକ ବଳରାମ ସିଂଘିଙ୍କ ଉପସ୍ଥିତିରେ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରାଯାଉଥିଲା। କେତେଜଣ ହିତାଧିକାରୀ ଚାଉଳ ଓଜନରେ କମ୍ ଥିବା ଜାଣି ଏହାର ପ୍ରତିବାଦ କରିଥିଲେ। ପରେ ସେମାନେ କାର୍ଯ୍ୟାଳୟରେ ତାଲା ଠୁଙ୍କିଥିଲେ। ବିଡିଓ ଓ ଯୋଗାଣ ଅଧିକାରୀ ସେଠାରେ ପହଞ୍ଚି ସମସ୍ୟାର ସମାଧାନ ସହ ଏସଏଚ୍‌ଜି ଗ୍ରୁପ୍‌କୁ ଚାଉଳ ବଣ୍ଟନ ଲାଗି ହିତାଧିକାରୀ ଦାବି କରିଥିଲେ। ବ୍ଲକ ଉପାଧକ୍ଷ ସୁଶାନ୍ତ କୁମାର ବେହେରା ଗୁରୁବାର କାର୍ଯ୍ୟାଳୟରେ ପହଞ୍ଚି ହିତାଧିକାରୀଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ତାଙ୍କ ଉପସ୍ଥିତିରେ ପୁରୁଣା ନିକିତି ବଦଳାଇ ନୂତନ ବୈଦ୍ୟୁତିକ ନିକିତିରେ ଓଜନ କରି ଚାଉଳ ବଣ୍ଟନ କରାଯାଇଥିଲା। ଏହି ସମୟରେ ପଞ୍ଚାୟତ ଅଧିକାରୀ ଲୋକନାଥ ଦାସ, ସରପଞ୍ଚ, ଯୋଗାଣ ସହାୟକ ପ୍ରମୁଖ ଉପସ୍ଥିତ ଥିଲେ।


ହିତାଧିକାରୀଙ୍କୁ ଚାଉଳ ଦିଆଯାଉଛି।

# ସଚେତନତା ଶୋଭାଯାତ୍ରା, ପ୍ରତିଯୋଗିତା



ଶୋଭାଯାତ୍ରାରେ ଅତିଥି ଓ ଅନ୍ୟମାନେ।

ନବରଙ୍ଗପୁର,୯।୩(ବି.ପ୍ର.)

ନବରଙ୍ଗପୁରରେ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ଜୟପୁର ଶାଖା ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ଓ ମିଶନ ଲାଇଫ ସମ୍ପର୍କିତ ସଚେତନତା ଶୋଭାଯାତ୍ରା ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ଆଜାଦୀ କା ଅମୃତ ମହୋତ୍ସବ ପାଳନର ଲକ୍ଷ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ନବରଙ୍ଗପୁର ପୌରାଧକ୍ଷ କୁନୁ ନାୟକ, କାଉନସିଲର ଶର୍ମିଷ୍ଠା ଦେଓ, ମମତା ମହାରଣା, କେନ୍ଦ୍ର ସରକାରଙ୍କ ମହିଳା ଓ ବାଳ ବିକାଶ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ୱାନ୍ ଷ୍ଟପ୍ ସେଣ୍ଟର ଆଇନ ପରାମର୍ଶଦାତ୍ରୀ କିଶୋରୀ ପଟ୍ଟନାୟକ, ଆଶାକର୍ମୀ, ଦୀନଦୟାଲ ଗ୍ରାମୀଣ କୌଶଳ କେନ୍ଦ୍ରର ପ୍ରଶିକ୍ଷାର୍ଥୀ, ଏସ୍‌ଏଚ୍‌ଜି ମହିଳା, ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ ମହିଳାଙ୍କ ମଧ୍ୟରେ ରଙ୍ଗୋଲି, ମ୍ୟୁଜିକ ଚେୟାର, କୁଇଜ ଆଦି ପ୍ରତିଯୋଗିତା କରାଯାଇଥିଲା। କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ଜୟପୁର ଶାଖାର କ୍ଷେତ୍ର ପ୍ରଚାର ଅଧିକାରୀ ଜ୍ୟୋତିରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨ ବ୍ଲକର ୧୧ କେନ୍ଦ୍ରରେ ପରୀକ୍ଷା ଦେବେ ୨୫୫୬ ପରୀକ୍ଷାର୍ଥୀ

ନନ୍ଦପୁର/ବୈପାରିଗୁଡା, ୯।୩ (ଡି.ଏନ.ଏ.)

ନନ୍ଦପୁର ବ୍ଲକରେ ୫ଟି ପରୀକ୍ଷା କେନ୍ଦ୍ରରେ ଶୁକ୍ରବାରଠାରୁ ହେବାକୁ ଥିବା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ବ୍ଲକରେ ଏହି ପରୀକ୍ଷା କେନ୍ଦ୍ରଗୁଡ଼ିକରେ ମୋଟ ୧୨୭୨ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ନନ୍ଦପୁର ଉଚ୍ଚ ବିଦ୍ୟାଳୟରେ ନେତାଜୀ ଉଚ୍ଚ ବିଦ୍ୟାଳୟ ଥିବାର ୧୬୭ ପରୀକ୍ଷାର୍ଥୀ, ଶେମେଳା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୩୯, ପରଜା ବେଲଗାଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୩୬, ଲମତାପୁଟ ବ୍ଲକର ଦୁଇ ବିଦ୍ୟାଳୟ ନିଆଳି ଉଚ୍ଚ ବିଦ୍ୟାଳୟ ବନମାଳିପୁଟର ୫୪ ଓ ଉମ୍ବେଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୩୧ ଏପରି ୩୨୭ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେହପରି ପାଡୁଆ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୩୨, ବାଲଡ଼ା ଏସ୍‌ଏସ୍‌ଡି ବିଦ୍ୟାଳୟ ପରୀକ୍ଷାକେନ୍ଦ୍ରରେ ୨୪୬, ଥୁବା ନେତାଜୀ ଉଚ୍ଚ ବିଦ୍ୟାଳୟରେ ୨୦୪ ଓ ହାଟଗୁଡ଼ା ଏସ୍‌ଏସ୍‌ଡି ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୬୩ ପରୀକ୍ଷାର୍ଥୀ ପରୀକ୍ଷା ଦେବକୁ ସ୍ଥିର ହୋଇଛି। ନନ୍ଦପୁର ବ୍ଲକର ୨୧ ଉଚ୍ଚ ବିଦ୍ୟାଳୟ ଓ ଲମତାପୁଟ ବ୍ଲକର ୨ ବିଦ୍ୟାଳୟର ସମୁଦାୟ ୧୨୭୨ ପରୀକ୍ଷାର୍ଥୀ ଉପରୋକ୍ତ କେନ୍ଦ୍ରଗୁଡ଼ିକରେ ଧାର୍ଯ୍ୟ ସମୟରେ ପରୀକ୍ଷା ଦେବେ ବୋଲି ବ୍ଲକ ଶିକ୍ଷାଧିକାରୀ ଦଇତାରି ଦାସ କହିଛନ୍ତି। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ର ପାଇଁ ଜଣେ ଜଣେ ଅବର୍ଜଭର ନିଯୁକ୍ତି କରାଯାଇଛି। ମାଜିଷ୍ଟ୍ରେଟ ଦାୟିତ୍ୱ ନନ୍ଦପୁର ତହସିଲଦାର ନରସିଂହ ଗାଦବା ଓ ଅତିରିକ୍ତ ତହସିଲଦାର ସୀମାଞ୍ଚଳ ପାତ୍ର ରହିଛନ୍ତି। ପରୀକ୍ଷା କେନ୍ଦ୍ରରେ ଶାନ୍ତିଶୃଙ୍ଖଳା ରକ୍ଷା ନିମିତ୍ତ ନନ୍ଦପୁର ଏସଡିପିଓ ସଞ୍ଜୟ ମହାପାତ୍ରଙ୍କ ନେତୃତ୍ୱରେ ନନ୍ଦପୁର ଓ ପାଡୁଆ ଥାନାଧିକାରୀ ଦାୟିତ୍ୱ ତୁଲାଇବେ ବୋଲି ସେ କହିଛନ୍ତି। ଅଭିଭାବକମାନଙ୍କୁ ପରୀକ୍ଷା କେନ୍ଦ୍ର ନିକଟରେ ଗହଳି ନ କରିବାକୁ ସହକାରୀ ଶିକ୍ଷାଧିକାରୀ ଗୁରୁନାଥ ମାଝି, ମମତାଜ ଗମାଙ୍ଗ ଓ ଏସ୍‌ଡିପିଓ ମହାପାତ୍ର ପରାମର୍ଶ ଦେଇଛନ୍ତି।

ସେହିପରି ବୈପାରିଗୁଡାବ୍ଲକରେ ମୋଟ ୧୨୮୪ ଜଣ ଛାତ୍ରୀଛାତ୍ର ଦାମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବେ ବୋଲି ଜଣାପଡଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବ୍ଲକରେ ଚଳିତ ବର୍ଷ ୬ଟି ପରୀକ୍ଷା କେନ୍ଦ୍ର ହୋଇଛି । ସେସବୁ ହେଲା ବୈପାରିଗୁଡା ନୋଡାଲ୍ ହାଇସ୍କୁଲ, ଗୁମା ଏସ୍‌ଏସ୍‌ଡି ହାଇସ୍କୁଲ,ବାଲିଗାଁ ଏସ୍‌ଏସ୍‌ଡି ହାଇସ୍କୁଲ, ଗୁପ୍ତେଶ୍ୱର ଏସ୍‌ଏସ୍‌ଡି ହାଇସ୍କୁଲ, କାକଲପଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଏବଂ ଟାଙ୍ଗିଣିଗୁଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟ। ପରୀକ୍ଷାକେନ୍ଦ୍ର ଗୁଡିକରେ ଶୃଙ୍ଖଳାର ସହ ପରୀକ୍ଷା କରିବାକୁ ସମସ୍ତ ପଦକ୍ଷେପ ନିଆଯାଇଥିବା ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କନକ ମଞ୍ଜରୀ ଭଦ୍ରା କହିଛନ୍ତି।

# ଦିବ୍ୟାଙ୍ଗ ଅନ୍ତେବାସୀଙ୍କ ସହ ହୋଲି ଖେଳିଲେ ବିଧାୟକ

**ଆଶାକିରଣରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ**

ନବରଙ୍ଗପୁର,୯।୩(ବି.ପ୍ର.)

ନବରଙ୍ଗପୁର ସଦର ମହକୁମା ସ୍ଥିତ 'ଆଶାକିରଣ'ରେ ରହି ପାଠ ପଢୁଥିବା ୩୦ଜଣ ଦିବ୍ୟାଙ୍ଗ ଅନ୍ତେବାସୀଙ୍କ ସହ ହୋଲି ଖେଳିଛନ୍ତି ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ। ବୁଧବାର ବିଧାୟକ ରନ୍ଧାରୀ ଫଗୁ ଓ ମିଠା ଧରି ସେଠାରେ ପହଞ୍ଚିଥିଲେ। ସେ ପିଲାମାନଙ୍କ ସହ ହୋଲି ଖେଳିବା ସହ ସେମାନଙ୍କୁ ମିଠା ଖୁଆଇଥିଲେ। ଏହାପରେ ଗୀତ ବଜାଇ ପିଲାମାନଙ୍କ ସହ ନାଚ କରିଥିଲେ ବିଧାୟକ ରନ୍ଧାରୀ। ବିଧାୟକଙ୍କୁ ଅଚାନକ ପାଖରେ ପାଇ ଅନ୍ତେବାସୀମାନେ ଖୁସି ହୋଇଯାଇଥିଲେ। ଆଗାମୀ ଦିନରେ ଯେକୌଣସି ଜିନିଷର ଆବଶ୍ୟକତା ପଡ଼ିଲେ ତାଙ୍କୁ ଜଣାଇବାକୁ ବିଧାୟକ ପିଲାମାନଙ୍କୁ କହିଥିଲେ। ଏଥିସହ ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇଦେଇ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ଚେଷ୍ଟା କରିବେ ବୋଲି ବୁଧାୟକ ପ୍ରତିଶ୍ରୁତି ଦେଇଥିଲେ। ସୂଚନାନୁଯାୟୀ, ପୂର୍ବରୁ ନିଜେ କୋଦାଳ ଧରି ରାସ୍ତା ସମତୁଲ କରିବା, ଧାନ ବିଲରେ କାମ କରିବା, ଶ୍ରମିକଙ୍କୁ ଶାଢ଼ି, ପାଲ ଓ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ଦେଇ ବିଧାୟକ ଚର୍ଚ୍ଚାରେ ରହିଥିଲେ।


ପିଲାମାନଙ୍କ ସହ ଡାବୁଗାଁ ବିଧାୟକ ହୋଲି ଖେଳୁଛନ୍ତି।

# ହୋଲିରେ ଜମିଲା ଦହିହାଣ୍ଡି ଭଙ୍ଗା

ଡାବୁଗାଁ ,୯।୩ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ଜୟନ୍ତୀ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର କମିଟି ସହଯୋଗରେ ମଙ୍ଗଳବାର ଦୋଳ ପୂର୍ଣ୍ଣିମା ଓ ହୋଲିକା ଦହନ କରାଯାଇଛି। ସେହିପରି ମାନିଗାଁ, ମହେନ୍ଦ୍ରୀ ଓ ପୋଖନାଗୁଡ଼ାରେ ମଧ୍ୟ ଉକ୍ତ ଉତ୍ସବ ପାଳନ କରାଯାଇଛି। ରାତି ତମାମ ନାଚଗୀତ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି। ବିଭିନ୍ନ ସ୍ଥାନରେ ରଙ୍ଗର ପର୍ବ ହୋଲି ଧୁମଧାମରେ ବୁଧବାର ପାଳିତ ହୋଇଯାଇଛି। ଡାବୁଗାଁ ବ୍ଲକର ବିଭିନ୍ନ ଗ୍ରାମ ଓ ବ୍ଲକ ସଦର ମହକୁମାରେ ଲୋକେ ପରସ୍ପରକୁ ରଙ୍ଗ ଲଗାଇ ଏହି ଉତ୍ସବ ପାଳନ କରିଥିଲେ। ହୋଲି ଦିନ ଶ୍ରୀରାଧାକୃଷ୍ଣ ମନ୍ଦିରରେ ଦହିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୪ଟି ଦଳ ଭାଗ ନେଇଥିଲେ। ଏଥିରୁ ଅଗ୍ନିଶମ ଦଳ ବିଜୟୀ ହୋଇଥିଲେ। ତାଙ୍କୁ ପୁରସ୍କୃତ କରାଯାଇଥିଲା।



# ଦାବି ପୂରଣ ନ ହେଲେ ୧୮ରୁ ସମୂହ ଛୁଟି ଚେତାବନୀ

**ବ୍ଲକ୍ କନିଷ୍ଠ ଶିକ୍ଷକ ସଂଘ,ନୂତନ ପେନ୍‌ସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ବୈଠକ**

ଉମରକୋଟ, ୯।୩(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ଭବନରେ ବ୍ଲକ୍ କନିଷ୍ଠ ଶିକ୍ଷକ ସଂଘ ଓ ନୂତନ ପେନ୍‌ସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ମିଳିତ ବୈଠକ ଅନୁଷ୍ଠିତ ହୋଇଛି। ୨୦୨୨ ନଭେମ୍ବର ଶେଷ ସପ୍ତାହରେ ରାଜ୍ୟ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ୩ ଦିନ ଧରି ବିଧାନସଭା ଆଗରେ ଆନ୍ଦୋଳନ କରିଥିଲେ। ସେହି ସମୟରେ ମୁଖ୍ୟ ଶାସନ ସଚିବ ଏକ କମିଟି ଗଠନକରି ଦାବି ପୂରଣ ନିମନ୍ତେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇନାହିଁ। ସଂଘ ଏହାର ପ୍ରତିବାଦକରି ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଶିକ୍ଷକମାନେ ମାର୍ଚ୍ଚ ୬ରୁ କଳାବ୍ୟାଜ୍ ପିନ୍ଧି ବିଦ୍ୟାଳୟ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ସଂଘ ମାର୍ଚ୍ଚ ୧୧ରୁ ୩ ଦଫା ସମ୍ବଳିତ ଦାବିପତ୍ର ବିଇଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବ। ୧୫ ମାର୍ଚ୍ଚରୁ ବିଧାନସଭା ଘେରାଉ କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ୩ଦିନ ଭିତରେ ଦାବିପୂରଣ ନ ହେଲେ ୧୮ ମାର୍ଚ୍ଚରୁ ସମୂହ ଛୁଟି ନେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଂଘ ସମ୍ପାଦକ ନରେଶ ଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘ ସଭାପତି ଦେବୀପ୍ରସାଦ ପଟ୍ଟନାୟକ, କନିଷ୍ଠ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ସତ୍ୟେନ୍ଦ୍ର ରାଉତ, କରୁଣାକର ମାଝି, ତ୍ରିପତି ପଟ୍ଟନାୟକ, ପ୍ରମୋଦ ପଟ୍ଟନାୟକ, ସୁନୀଲ ନାୟକ, ପ୍ରଣୟ ନାୟକ, ସମୀର ପ୍ରଧାନ, ରଞ୍ଜନ ଗୌଡ଼, ଧନେଶ୍ୱର ପୁହାଣ, ବିଷ୍ଣୁ ସାହୁ, ସମୀର ଗନ୍ତାୟତ,ପୂର୍ଣ୍ଣ ଆଚାରୀ, ବନୁ ପନକା, ମଧୁ ଜେନା, କାହ୍ନୁ ଚରଣ ମିଶ୍ର, ଈଶ୍ୱର ସ୍ୱାଇଁ ଓ କିଷାନ ମହାନ୍ତିଙ୍କ ସମେତ ଉଭୟ ସଂଘର ବହୁ ସକ୍ରିୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ବୈଠକକୁ ଆସିଥିବା ଶିକ୍ଷକ ସଂଘ ସଦସ୍ୟମାନେ।

